## ସଂକ୍ଷେପରେ

### ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶିତ

କେନ୍ଦୁଝର,୩୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଓ ଏସ୍‌ପିଙ୍କ ସେପ୍ଟେମ୍ବରର ମିଳିତ ଅଭିଯୋଗ ଶୁଣାଣିର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ସେପ୍ଟେମ୍ବର ୨ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ, ୯ ତାରିଖ ସୋମବାର ସାହାରପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୧୭ ମଙ୍ଗଳବାର ଘଷିପୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୩ ସୋମବାର ଯୋଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ୩୦ ତାରିଖ ବାଂଶପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲାପାଳ ବିଶାଲ ସିଂହଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟସୂଚୀ ଅନୁଯାୟୀ, ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜଳଛାୟା, ଯୋଗାଣ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ପାଟଣା,୩୦।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ଭାଜପା ପାଟଣା ମଣ୍ଡଳର ମିରିଗିଖୋଜି ଶକ୍ତିକେନ୍ଦ୍ରରେ ଶୁକ୍ରବାର ସଦସ୍ୟତା ଅଭିଯାନ କର୍ମଶାଳା ହାଟପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ଶକ୍ତିକେନ୍ଦ୍ର ଭାଜପା ସଭାପତି ସୁରେଶ ମହାନ୍ତଙ୍କ ଅଧ୍ୟକ୍ଷତାରେ ୨୦୮ ଓ ୨୦୯ ବୁଥ୍ ସଭାପତି, ବୁଥ୍ ଏଜେଣ୍ଟମାନେ ଉପସ୍ଥିତ ଥିଲେ। କର୍ମଶାଳାକୁ ପାଟଣା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ନୀତେଶ କୁମାର ମହାନ୍ତ ଓ ଯୁବାମୋର୍ଚ୍ଚା ସାଧାରଣ ସମ୍ପାଦକ ଗୀତିକଣ୍ଠ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଭାଜପା ନେତା ଚୌଧୁରୀ ନାଏକ, କେଶବ ମହାନ୍ତ, ଶେଖର ସେଠୀ, ସୁମନ୍ତ ସେଠୀ, ଉମେଶ ମହାନ୍ତ, ଚକ୍ରଧର ମହାନ୍ତ, କ୍ଷୀରୋଦ ମହାନ୍ତ, ତପନ ଦାସ, ଜୟକୃଷ୍ଣ ମହାନ୍ତ, ଚୌଧୁରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକକର୍ମୀଙ୍କ ପରଲୋକ

ରାମଚନ୍ଦ୍ରପୁର,୩୦।୮(ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଟୋଲଙ୍କପଡ଼ା ଗ୍ରାମର ଚାଷୀ ତଥା ସାମାଜିକକର୍ମୀ ମଙ୍ଗୁଳି ଚରଣ ସାହୁ (୪୮)ଙ୍କ ପରଲୋକ ଘଟିଛି। ଶୁକ୍ରବାର ଦିନ ସକାଳୁ ନିଜ ବାଡିପଟ ବିଲରେ ଚାଷ କାମ କରୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ଅନେକ ଲୋକଙ୍କ ଭିଡ଼ ଜମିଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

## 'ସୁଭଦ୍ରା'ର କାର୍ଯ୍ୟକାରିତା ନେଇ ସମୀକ୍ଷା

କେନ୍ଦୁଝର,୩୦।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)


ସମୀକ୍ଷା ବୈଠକରେ ଉପସ୍ଥିତ ଜିଲାପାଳ ବିଶାଲ ସିଂ ଓ ଅଧିକାରୀମାନେ।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଧା ଗୋସ୍ୱାମୀଙ୍କ ସମେତ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର ୧୭ରେ ଏହି ଯୋଜନା ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି।

ଯୋଜନା ସମ୍ପର୍କରେ ପ୍ରଥମେ ଭଲଭାବେ ବୁଝି ଲୋକଙ୍କୁ ସଚେତନ କରି ଯୋଜନାର ସଫଳ ରୂପାୟନ ନେଇ ଜିଲାପାଳ ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ହିତାଧିକାରୀ ଯେପରି ଠିକ୍ ସୂଚନା ପାଇବେ ଏବଂ ଆବେଦନ କରିପାରିବେ, ସେଥିପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଯୋଜନା ଅନୁସାରେ, ପ୍ରତି ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ଏବଂ ରାଖୀ ପୂର୍ଣ୍ଣିମା ଦିନ ୨ କିସ୍ତିରେ ପାଞ୍ଚ ହଜାର ହିସାବରେ ୧୦ ହଜାର କରି ୫ ବର୍ଷରେ ୫୦ ହଜାର ଟଙ୍କା ପାଇବେ। ହିତାଧିକାରୀଙ୍କ ବୟସ ୨୧ ବର୍ଷ ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ ହେଉଥିବ। ହିତାଧିକାରୀ ଦରଖାସ୍ତ ଫର୍ମ ଅଙ୍ଗନୱାଡି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ସାଧାରଣ ସେବା କେନ୍ଦ୍ର ଏବଂ ମୋ ସେବା କେନ୍ଦ୍ରରୁ ପାଇପାରିବେ। ସାଧାରଣ ସେବା କେନ୍ଦ୍ର ଏବଂ ମୋ ସେବା କେନ୍ଦ୍ରରେ ଫର୍ମ ଦାଖଲ ହେବ। ଏହାର ଡିଜିଟାଇଜେସନ ହେବ ଓ ଆବେଦନକାରୀଙ୍କୁ ଫର୍ମ ଦାଖଲର ପ୍ରମାଣ ସ୍ୱୀକୃତିର ପ୍ରିଣ୍ଟ ମିଳିବ। ଆବେଦନକାରୀଙ୍କୁ ଏଥି ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଜିଲା, ଉପଖଣ୍ଡ ଓ ବ୍ଲକ୍‌ସ୍ତରରେ ବିଭିନ୍ନ ପ୍ରମୁଖ ସ୍ଥାନରେ ହୋର୍ଡିଂ, ବ୍ୟାନର ଆଦି ଲଗାଯିବା, ସାମାଜିକ ଗଣମାଧ୍ୟମ ଓ ସମ୍ବାଦପତ୍ର ତଥା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର ନିମନ୍ତେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଆଗାମୀ ଦିନରେ ସୁଭଦ୍ରା ଯୋଜନା ସମ୍ପର୍କିତ ଅଧିକ ସୂଚନା, ସଂଶୟ ଦୂରୀକରଣ ଓ ମତାମତ ଗ୍ରହଣ କରିବା ପାଇଁ ଏକ ପ୍ରକୋଷ୍ଠ ଖୋଲା ଯିବ ବୋଲି କରିଥିଲେ।

# ମନ୍ଦିର ପ୍ରାଙ୍ଗଣରେ ଔଷଧୀୟ ଚାରାରୋପଣ

କେନ୍ଦୁଝର,୩୦।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାର ଅଗ୍ରଣୀ ଅନୁଷ୍ଠାନ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ଔଷଧୀୟ ଚାରାରୋପଣ କରାଯାଇଛି। ମଞ୍ଚର ସଭାପତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ସଦରବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମ ମା' ଦୁର୍ଗା ଓ ଗାୟତ୍ରୀମା'ଙ୍କ ମନ୍ଦିର ପ୍ରାଙ୍ଗଣ ଏବଂ ବିଭିନ୍ନ ସ୍ଥାନରେ ଔଷଧୀୟ ଚାରାରୋପଣ କରିଥିଲେ। ସମ୍ପାଦିକା ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା, ରଞ୍ଜିତା ବେହେରା, ସରୋଜ ସାହୁ, ବିପିନ ବିହାରୀ ମିଶ୍ର, ପ୍ରେମା ସିଂ, ହାଡ଼ିବନ୍ଧୁ ନାଏକ, ଶମ୍ଭୁନାଥ ନାଏକ, ସୁଜନ ଦେହୁରୀ, କୃଷ୍ଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅତି କମରେ ଜଣେ ପ୍ରତ୍ୟେକ ବର୍ଷ ଗୋଟିଏ ଲେଖାଏ ଗଛ ଲଗାଇବାକୁ ମା' ଦୁର୍ଗାଙ୍କ ପୂଜକ ପ୍ରସନ୍ନ ମହାପାତ୍ର ମତବ୍ୟକ୍ତ କରିଥିଲେ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

କେନ୍ଦୁଝର,୩୦।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

ସ୍ୱେଚ୍ଛାସେବୀ ସଂଗଠନ କେନ୍ଦୁଝର ଖବର ଫାଉଣ୍ଡେଶନ ପକ୍ଷରୁ ଭୂମିକା ଚକ୍ଷୁ ଚିକିତ୍ସାଳୟ ସହାୟତାରେ ଶୁକ୍ରବାର କେନ୍ଦୁଝରଗଡ଼ ଗୁଜୁରାଟୀ ସମାଜ ଭବନଠାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଟିଜି ଗ୍ରୁପ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ରାଜେନ୍ଦ୍ର ପଲେଇ ଶିବିର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗୁଜୁରାଟୀ ସମାଜ, କେନ୍ଦୁଝର ଘଟକ ଯୁବମଣ୍ଡଳ ପକ୍ଷରୁ ରାଜେଶ ପରମାର, ଭାବେଶ ରାଠୋର, ଶିବ କୁମାର ରାଠୋର, ରାଜୀବ ଯାଦବ ଓ ଗୌତମ ଚାଓଡା, ଡଃ ନରେନ୍ଦ୍ର ରାଠୋର, ସୋମନାଥ ଚାଓଡ଼ା, ଦୁଲିଅନ୍ତ ରାଠୋର ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ବୁଲାଦ୍ୱାର ସାହି, ବାବୁଲାଲ କଲୋନୀ, ମୋଚିବନ୍ଧ ଓ ଡେଲି ମାର୍କେଟ ଅଞ୍ଚଳର ଶତାଧିକ ରୋଗୀ ମାଗଣାରେ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ଶିବିରରେ ୧୦ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା। ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ରୁଦ୍ର ନାରାୟଣ ଲୋହାର, ସୂର୍ଯ୍ୟଶଙ୍କର ମାନ୍ନା, ଆରାଧନା ସାହୁ, ଲାଲିମା ଜେନା, ମମତା ପାତ୍ର, ଅଭିଷେକ ମହାନ୍ତ, ସୁନୀତା ସାହୁ, ସସ୍ମିତା ମହାନ୍ତ, ହିମାଂଶୁ ପାତ୍ର ଓ ମନୋଜ ବେହେରା ଶିବିର ପରିଚାଳନା କରିଥିଲେ। ରାମନାରାୟଣ ଦ୍ୱିବେଦୀ, ଭରତ ଚନ୍ଦ୍ର ପାତ୍ର, ମିଳନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପୁଷ୍ପଲତା ସାହୁ ମଙ୍ଗରାଜ, ଚଣ୍ଡୀପ୍ରସାଦ ପଟ୍ଟନାୟକ, ରାଜେଶ ରଣା, ଲମ୍ବୋଦର ମହାନ୍ତ, ପ୍ରିୟଙ୍କା ସିଂ ରଣା, ବାପି ପଣ୍ଡା, ଭୁବନ ମୋହନ ତ୍ରିପାଠୀ, ଜନ୍ମେଜୟ ସିଂହ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କେନ୍ଦୁଝର ଖବର ଫାଉଣ୍ଡେଶନ ସଭାପତି ଦେବୀଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ଏଚ୍‌ଜି ସଦସ୍ୟା ଉପ ଜିଲାପାଳଙ୍କ ଦ୍ୱାରସ୍ଥ

## ପ୍ରି-ସ୍କୁଲ ଛାତ୍ରୀଛାତ୍ରଙ୍କ ପୋଷାକ ମାମଲା


ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଚମ୍ପୁଆ,୩୦।୮(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସମ୍ମନିତ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ପ୍ରି ସ୍କୁଲ ଛାତ୍ରୀଛାତ୍ରଙ୍କ ନିମନ୍ତେ ପୋଷାକ ଯୋଗାଣ ନେଇ ବିବାଦ ଦେଖାଦେଇଛି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟ କରାଯାଇ ନ ଥିବା ଅଭିଯୋଗ କରି ଉପ ଜିଲାପାଳଙ୍କୁ ଲିଖିତ ଦାବି ଜଣାଇଛନ୍ତି। ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସଜତ ମାର୍କେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ଚମ୍ପୁଆ ବ୍ଲକ୍‌ର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ପ୍ରି ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ପୋଷାକ ଯୋଗାଣ ନିମନ୍ତେ ବିଭାଗ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଥିଲା। ତଦନୁସାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏ ନେଇ ଆବେଦନ କରାଯାଇଥିଲା। ମାତ୍ର ଗାଇଡ୍‌ଲାଇନ ଅନୁକରଣ କରା ନ ଯାଇ ମନଇଚ୍ଛା ନିର୍ଦ୍ଦିଷ୍ଟ ୪ ଗ୍ରୁପକୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଫଳରେ ଏହାକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହିତ ସିଡିପିଓଙ୍କ ମନମାନିକୁ ବିରୋଧ କରାଯାଇଛି। ଏହାକୁ ବିଧିବଦ୍ଧ ଭାବେ ତଦନ୍ତ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଦାବି କରିବା ସହିତ ଗାଇଡ୍‌ଲାଇନ ଅନୁଯାୟୀ ଗ୍ରୁପ ଚୟନ କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନ ହେବ ବିଏଲ୍‌ଏଫ ନୂତନ ଭାବେ ଗଠିତ ହୋଇଥିଲେ ମଧ୍ୟ ପୂର୍ବତନ ବିଏଲଏଫ ଆଜି ପର୍ଯ୍ୟନ୍ତ ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ଅଭିଯୋଗ କରିଛନ୍ତି।

### ୨୪ ୟୁନିଟ୍ ରକ୍ତ ସଂଗୃହୀତ

ଯୋଡ଼ା,୩୦।୮(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ପକ୍ଷରୁ ଶୁକ୍ରବାର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡା. ଜଗଦିଶ୍ ପ୍ରସାଦ ସାହୁ, ସମ୍ମାନିତ ଅତିଥିଭାବେ ଯୋଡ଼ା ପୌରପାଳିକା ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଚମ୍ପୁଆ ଉପଖଣ୍ଡ ରକ୍ତ କେନ୍ଦ୍ର ଡା. ଜ୍ୟୋତିରଞ୍ଜନ ମଲିକ, ରକ୍ତିମା ପ୍ରଧାନ, ତ୍ରିବେଣୀ ନାଏକ, ବାସୁଚନ୍ଦନ ମୁଖୀ, ଅନାଥ ମୁଖି, ଶିବା ବେହେରା ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଯୋଡ଼ା ପୌରପାଳିକା ଯନ୍ତ୍ରୀ ଭକ୍ତବନ୍ଧୁ ମହାନ୍ତ, ବରିଷ୍ଠ କର୍ମଚାରୀ ରାମଚନ୍ଦ୍ର ପାତ୍ର, ଡା. ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

### ବଦଳିଲେ ପାଟଣା ଥାନା ଅଧିକାରୀ

ପାଟଣା,୩୦।୮(ବୀର କିଶୋର ଦାଶ)

କେନ୍ଦୁଝର ଜିଲାର ୬ ଥାନା ଅଧିକାରୀଙ୍କ ଶୁକ୍ରବାର ବଦଳି ହୋଇଛି। ଏ ନେଇ ଜିଲା ପୋଲିସ କାର୍ଯ୍ୟାଳୟରୁ ଚିଠି ନମ୍ବର ୭୦୬ରେ ଜିଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲ କର ଦାଗୁଡୁ ନିର୍ଦ୍ଦେଶ ଦେଇଛନ୍ତି। ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କ କେନ୍ଦୁଝର ଟାଉନ ଥାନାକୁ ବଦଳି ହୋଇଥିବା ବେଳେ ଟାଉନ ଥାନା ଅଧିକାରୀ ରମାକାନ୍ତ ସାଇଙ୍କ ପାଟଣା ଥାନାକୁ ବଦଳି ହୋଇଛି।

# ବୈତରଣୀରେ ୩ଟି ବ୍ୟାରେଜ୍ ନିର୍ମାଣ ପ୍ରସ୍ତାବ

## ବିଧାନସଭାରେ ଚାଷୀଙ୍କ ସମସ୍ୟା ଉଠାଇଲେ ବିଧାୟକ

ପାଟଣା,୩୦।୮(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପଟଣା ନିର୍ବାଚନ ମଣ୍ଡଳୀ ଏକ ଆଦିବାସୀ ବହୁଳ ଅଞ୍ଚଳ ଭାବେ ଜଣା। ଅଞ୍ଚଳବାସୀ ପ୍ରାୟତଃ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ। ମାତ୍ର ନିର୍ବାଚନ ମଣ୍ଡଳୀ ଦେଇ ଚିରସ୍ରୋତା ବୈତରଣୀ ପ୍ରବାହିତ ହେଉଥିଲେ ବି ଜଳସେଚନ ସୁବିଧା ନାହିଁ। ଏ ନେଇ ବୈତରଣୀ ନଦୀରେ ୩ ଟି ବ୍ୟାରେଜ ନିର୍ମାଣ କରିବାକୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ବୁଧବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ତଥା ଜଳସମ୍ପଦ ମନ୍ତ୍ରୀ ମୋହନ ଚାରଣ ମାଝୀଙ୍କ ସମ୍ମୁଖରେ ପ୍ରସ୍ତାବ ରଖିଛନ୍ତି।ପ୍ରକାଶ ଯେ, ନିର୍ବାଚନ ମଣ୍ଡଳୀରେ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ବେଳେ ଅନେକ ଆଦିବାସୀ ଶ୍ରେଣୀର ଅଟନ୍ତି। ନିର୍ବାଚନ ମଣ୍ଡଳୀରେ ବୈତରଣୀ ନଦୀ ପ୍ରବାହିତ ହେଉଥିଲେ ହେଁ ଏହାର ସୁବିନିଯୋଗ ହୋଇ ପାରୁନାହିଁ। ୮୦ ଦଶକରେ କାଁ ଭାଁ ବୈତରଣୀ ନଦୀ ଅବବାହିକାରେ ଲିଫ୍ଟ ଇରିଗେଶନ ପ୍ରକଳ୍ପ କରାଯାଇଥିଲା। ସେଥିରୁ ସଂଖ୍ୟାଧିକ ଅଚଳ ହୋଇପଡ଼ିଛି। ୧୯୬୬ରେ ଭୀମକୁଣ୍ଡର ବହୁ ଚର୍ଚ୍ଚିତ ମଲ୍ଟିନ୍ୟାସନାଲ ଡ୍ୟାମ, ନୂଆପଡ଼ା ବ୍ୟାରେଜ ଶୀତଳ ଭଣ୍ଡାରକୁ ଚାଲି ଯାଇଥିଲା। ଭାଜପାର ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ନିର୍ବାଚନମଣ୍ଡଳୀ ଚାଷୀଙ୍କ ସମସ୍ୟାକୁ ବିଧାନସଭାରେ ଉଠାଇ ପାଟଣା ବ୍ଲକ୍ ଦେଇ ପ୍ରବାହିତ ବୈତରଣୀ ନଦୀର ଡୁରୁମୁଙ୍ଗା, ରାଜନଗର ଓ ନୂଆପଡ଼ାରେ ୩ ବ୍ୟାରେଜ୍ କିମ୍ବା ଡ୍ୟାମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚାରଣ ମାଝୀଙ୍କ ସମ୍ମୁଖରେ ପ୍ରସ୍ତାବ ରଖିଥିଲେ। ବୈତରଣୀ ନଦୀର ଉକ୍ତ ସ୍ଥାନରେ ବ୍ୟାରେଜ ନିର୍ମାଣ କଲେ ପାଟଣା ସମେତ ସଦର ନିର୍ବାଚନ ମଣ୍ଡଳୀର ଚାଷ ଜମି ଓ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟକୁ ମଧ୍ୟ ଜଳ ଯୋଗାଣ ହୋଇପାରିବ ବୋଲି କହିଥିଲେ। ବିଧାୟକଙ୍କ ଦାବି ପରେ ପାଟଣାବାସୀଙ୍କ ମନରେ ବୃହତ ଜଳ ସେଚନ ପ୍ରକଳ୍ପ ପାଇଁ ନୂତନ ଆଶା ସଂଚାର ହୋଇଛି। ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମହାନ୍ତ, କମଳାକାନ୍ତ ଦାଶ, ଗୌତମ ନାଏକ, ମମିତା ନାଏକ ପ୍ରମୁଖ ସ୍ୱାଗତ କରିଛନ୍ତି।

## ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

# କେରକେରା ପଞ୍ଚାୟତ ଟିମ୍ ଚାମ୍ପିୟନ


ଫାଇନାଲ ଖେଳରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

କରଞ୍ଜିଆ, ୩୦।୮(କବିତା ମହାନ୍ତ)

କରଞ୍ଜିଆଠାରେ ଆନ୍ତଃ ପଞ୍ଚାୟତ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାଟପଲସା ପଞ୍ଚାୟତ ଟିମ୍‌କୁ ହରାଇ କେରକେରା ପଞ୍ଚାୟତ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ସଂସଦର ସଭାପତି ତଥା ଉପ ଜିଲାପାଳ ପ୍ରେମାଂଶୁ ଚାନ୍ଦ, ସାଧାରଣ ସମ୍ପାଦକ ପ୍ରଭାକର ବାଗସିଂ ଯୋଗ ଦେଇଥିଲେ। ଚାମ୍ପିଅନ ଦଳକୁ ସଂସଦର ଉପ ସଭାପତି ଡା. ଜନାର୍ଦ୍ଦନ ଚୌଧୁରୀ ଟ୍ରଫି ସହିତ ୭ ହଜାର ଟଙ୍କା ଓ ରନରଅପ୍ ଟିମକୁ ଟ୍ରଫି ସହିତ ନଗଦ ୫ ହଜାର ଟଙ୍କା ବରିଷ୍ଠ ସାମ୍ବାଦିକ ଉମା ଶଙ୍କର ଦାସ ପ୍ରଦାନ କରିଥିଲେ। ଉତ୍କଳମଣି ବେହେରା, ବାପୁନ ମହାନ୍ତ, ବାଲକ ମୁର୍ମୁ, ବିକି ପୂର୍ତ୍ତି ଖେଳ ପରିଚାଳନା କରିଥିଲେ। କଲ୍ୟାଣ କୁମାର ନାଏକ, ସନ୍ତୋଷ କୁମାର ଦାସ, ଅଭିମନ୍ୟୁ ତ୍ରିପାଠୀ, ଜୟବ୍ରତ ମେହେର ସହଯୋଗ କରିଥିଲେ। ଉପସଭାପତି ଡା.ଚୌଧୁରୀ, ସୁବାସ ମହାନ୍ତି, ମନମୋହନ ସାମଲ, ରାଜ କିଶୋର ମହାନ୍ତ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ଜୀବନ ଗଲା

**ଖୁଣ୍ଟା,୩୦।୮(ଦେବରଞ୍ଜନ ବେହେରା):** ଖୁଣ୍ଟା ଥାନା ଅଧୀନ ବଣିଆବସା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୌରମୋହନ ଦେହୁରୀ( ୫୫)। ଶୁକ୍ରବାର ମଧ୍ୟାହ୍ନରେ ସ୍ତ୍ରୀଙ୍କ ସହ ଗୌରମୋହନ ବାଡ଼ି ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ଅସାବଧାନତା ବସତଃ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ତାଙ୍କ ସ୍ତ୍ରୀ ପାଖ ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ପଡ଼ୋଶୀମାନେ ପହଞ୍ଚି ଗୌରଙ୍କୁ ପୋଖରୀରୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁଣ୍ଟା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୮/୨୪) ରୁଜୁ ହୋଇଛି।

### ଟ୍ରାନ୍ସଫର୍ମର ଚୋରି ଅଭିଯୋଗ

ମୋରଡ଼ା,୩୦।୮(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ତେନ୍ତୁଳିବାଟି ଗ୍ରାମରୁ ଏକ ଟ୍ରାନ୍ସଫର୍ମର ଚୋରି ହୋଇଛି। ଏନେଇ ମୋରଡା ବିଦ୍ୟୁତ୍ ସେକ୍ସନର ସହକାରୀ ପରିଚାଳକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ମୋରଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ୨୦ ଘଣ୍ଟା ବିଳମ୍ବରେ ହେଲା ବ୍ୟବଚ୍ଛେଦ

ବେତନଟୀ,୩୦।୮(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ ଏସ୍‌ଏସ୍ ମହୁଲିଆ ଇନ୍ଦିରା ନଗର ବସ୍ତିର ଜଣେ ମହିଳାଙ୍କ ମୃତ୍ୟୁ ପରେ ୨୦ ଘଣ୍ଟା ବିଳମ୍ବରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ବେତନଟୀ ଡାକ୍ତରଖାନା ପରିସରରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଶେଷ ହୋଇ ବଡ଼ସାହି ବିଧାୟକଙ୍କ ଦ୍ୱାରା ୬ ମାସ ପୂର୍ବରୁ ଉଦ୍‌ଘାଟନ କାର୍ଯ୍ୟ ସରିଛି। ମାତ୍ର ଜିଲା ପ୍ରଶାସନ ବେତନଟୀଠାରେ ବ୍ୟବଚ୍ଛେଦ କାମ ଆରମ୍ଭ କରି ନ ଥିବାରୁ ଲୋକେ ୫ରୁ ୬ ହଜାର ଟଙ୍କା ଖର୍ଚ୍ଚ କରି ବାରିପଦା ଯାଇ ବ୍ୟବଚ୍ଛେଦ କରାଇବାରେ ଅସୁବିଧା ହେଉଥିବାରୁ ଏଭଳି ଘଟଣା ଘଟିଛି। ମୃତ ମହିଳା ଜଣକ ହେଲେ ଲକିହାଁସଦା(୩୨)। ଗୁରୁବାର ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ଚିକିତ୍ସାପାଇଁ ତାଙ୍କୁ ବେତନଟୀ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ଅପରାହ୍ନ ୩ଟା୧୫ ସମୟରେ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ବେତନଟୀ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ମହିଳାଙ୍କ ପରିବାର ଲୋକେ ଅତ୍ୟନ୍ତ ଗରିବ ହୋଇଥିବାରୁ ଶବ ବ୍ୟବଚ୍ଛେଦ ଖର୍ଚ୍ଚ ତୁଲାଇବାକୁ ରାଜି ହୋଇ ନ ଥିଲେ। ଫଳରେ ୨୦ ଘଣ୍ଟା ଧରି ମୃତଦେହ ପଡ଼ି ରହିଥିଲା। ଖବରପାଇ ବେତନଟୀ ପଞ୍ଚାୟତର ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଓ ଯୁବ ନେତା ଲଲାଟେନ୍ଦୁ ବେହେରା ଆର୍ଥିକ ସହାୟତା ଯୋଗାଇ ଦେବାରୁ ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ନେଇଥିଲେ।

# ଡିଜିଟାଲ ସର୍ବେକ୍ଷଣ ସଚେତନତା


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଛେନାପଦୀ,୩୦।୮(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟରେ ଶୁକ୍ରବାର କୃଷି ବିଭାଗ ପକ୍ଷରୁ ସର୍ବେକ୍ଷଣ ସମ୍ବନ୍ଧୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ କୃଷି ଅଧିକାରୀ ସିଙ୍ଗରାଇ ମାରାଣ୍ଡି, ବ୍ଲକ୍ କୃଷି ଅଧିକାରୀ ଦେବୀ ପ୍ରସନ୍ନ ଖୁଣ୍ଟିଆ, ସହ କୃଷି ଅଧିକାରୀ ଭାମାଞ୍ଜରୀ ମାହାନ୍ତ, କୃଷି ଅଧିଦର୍ଶକ ନିରଞ୍ଜନ ରଥ, ରଞ୍ଜିତ ସାମଲ ପ୍ରମୁଖଙ୍କ ସହ ବ୍ଲକ୍‌ର ସମସ୍ତ ଯନ୍ତ୍ରୀ ସାମିଲ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବବର୍ଗଙ୍କୁ ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ କରି ରୋଜଗାରକ୍ଷମ କରାଯାଇ ପାରିବ ବୋଲି ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ କହିଥିଲେ। ଡିଜିଟାଲ ସର୍ବେକ୍ଷଣ ଦ୍ୱାରା କେଉଁ କ୍ଷେତରେ କି ପ୍ରକାର ଫସଲ, କେତେ ନମ୍ବର ପ୍ଲଟ୍‌ରେ କେତେ ପରିମାଣରେ ଚାଷ ହୋଇଛି ତାହାର ସ୍ପଷ୍ଟ ରିପୋର୍ଟ ସରକାରଙ୍କ ପାଖକୁ ହସ୍ତଗତ ହୋଇପାରିବ। ଚାଷରେ ମରୁଡ଼ି ଆଶଙ୍କା ଦେଖାଦେଲେ ଚାଷୀଙ୍କୁ କି ପ୍ରକାର ସହାୟତା ମିଳିବ ତାହା ମଧ୍ୟ ସହଜରେ ବିଭାଗ ପକ୍ଷରୁ ନିର୍ଣ୍ଣୟ କରାଯାଇ ପାରିବ ବୋଲି ଜିଲା କୃଷି ଅଧିକାରୀ କହିଥିଲେ। ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ ୧୦ ପଞ୍ଚାୟତର ପିଇଓଙ୍କ ସହ କୃଷି ବିଭାଗର ଭିଏଡ୍‌ବ୍ଲ୍ୟୁମାନେ ପ୍ରତ୍ୟେକ ସର୍ଭେୟରଙ୍କୁ ତଦାରଖ କରିବେ ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀ କହିଛନ୍ତି। କାର୍ଯ୍ୟରେ ରାଜସ୍ୱ ନିରୀକ୍ଷକମାନେ ସହଯୋଗ କରିବେ। ବୈଠକରେ କୃଷି ବିଭାଗର ଭିଏଡ୍‌ବ୍ଲ୍ୟୁ ସାଧନା ରାଉତ, ନିରଜା ନଳିନୀ ନାୟକ, କାବେରୀ ମହାପାତ୍ର, ଶୋଭନା ପ୍ରିୟଦର୍ଶିନୀ ପୁହାଣ, ଉମେଶ ପ୍ରଧାନ, ଜଗନ୍ନାଥ ପରିଡ଼ା, କେଦାରନାଥ ଭୋଳ, ସାନୁଆନ ଖାନ, ନନ୍ଦକିଶୋର ଓଝା, ବ୍ରଜ କିଶୋର ମୁଣ୍ଡା ପ୍ରମୁଖ ସାମିଲ ହୋଇ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବୃଦ୍ଧ ମା’ ବାପାଙ୍କୁ ଆକ୍ରମଣ, ପୁଅ ଗିରଫ

ତିହିଡ଼ି,୩୦।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତର ମନ୍ଦାରମାଳ ଗ୍ରାମରେ ବୃଦ୍ଧ ମା’ ବାପାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଅ ବିଜୟ ଜେନାଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ବିଜୟ ତାଙ୍କ ମା’ ବାପାଙ୍କଠାରୁ ଅଲଗା ହୋଇ ସ୍ତ୍ରୀ ଓ ପିଲାମାନଙ୍କ ସହ ରହୁଥିଲେ। ବୁଧବାର ବିଜୟଙ୍କ ସ୍ତ୍ରୀ ଶାଶୁ ଚନ୍ଦା ଜେନା ଓ ଶ୍ୱଶୁର ବାବାଜୀ ଜେନାଙ୍କୁ ଗାଳିଗୁଲଜ କରି ବିଭିନ୍ନ ଧମକ ଦେଇଥିଲେ। ବାହାର ରାଜ୍ୟରେ ରହୁଥିବା ବିଜୟ ଘରକୁ ଫେରିବା ପରେ ସ୍ତ୍ରୀ ନିଜ ମା’ ବାପାଙ୍କ ସହ ତାଙ୍କ ଘରକୁ ଯାଇଥିଲେ। ଗୁରୁବାର ବିଜୟ ତାଙ୍କ ମା’ ବାପାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗାଁ ଲୋକେ ୧୧୨କୁ ଫୋନ୍ କଲ୍ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚନ୍ଦା ଓ ବାବାଜୀଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ଏନେଇ ଗ୍ରାମର ରୁଷିଆ ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୩୯୦/୨୪) ରୁଜୁକରିଥିଲା।

### ଚିକିତ୍ସାଧୀନ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ

ବାସୁଦେବପୁର,୩୦।୮(ନାରାୟଣ ପ୍ରସାଦ ବାରିକ୍)

ଦୁର୍ଘଟଣାରେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଧୀରେନ୍ଦ୍ର ମଳିକ(୫୮)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ତାଙ୍କ ଘର ବାସୁଦେବପୁର ପୌରପାଳିକା ଅଧୀନ ମନ୍ଦାରୀ ଗ୍ରାମରେ। ଗତ ରବିବାର ସେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ରାସ୍ତାରେ ଏକ ଗାଡ଼ି ଦୁର୍ଘଟଣାର ଶିକାର ହୋଇଥିଲେ। ବାସୁଦେବପୁରରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ କଟକ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ ତାଙ୍କ ମରଶରୀର ବାସୁଦେବପୁର ଡାକ୍ତରଖାନାରେ ପହଞ୍ଚିବା ପରେ କର୍ମଚାରୀ, ଅଧିକାରୀ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଜାତୀୟ କ୍ରୀଡ଼ା ଦିବସରେ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

ଭଦ୍ରକ, ୩୦।୮ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ସାଇକ୍ଲିଂ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ମହତାବ କୋଠି ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି। ଆସୋସିଏଶନର ଜିଲା ସମ୍ପାଦକ ମନୋରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଣ୍ଡିତ ଦୈତାରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସଭାପତି ଅପୂର୍ବ ରଞ୍ଜନ ବେହେରା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଉପସଭାପତି ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଗୋଛାୟତ, ଖବରଦାତା ସଞ୍ଜୀବ ନାୟକ, ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କ୍ରୀଡ଼ାବିତ୍ ବର୍ଷାରାଣୀ ବାରିକ, ଉର୍ମିଳା ବେହେରା, ସତ୍ୟଜିତ ଗୋଛାୟତ, ମନୀଷା ସାହୁ, ସସ୍ମିତା ପଣ୍ଡା, ଅଜୟ ବିଶ୍ୱାସ, ସ୍ନେହା ଦାସ ପ୍ରମୁଖଙ୍କୁ ତାଙ୍କର କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ରାଇରଙ୍ଗପୁର,୩୦।୮(ମାନସ ମହାନ୍ତି/ଜିତେନ୍ଦ୍ର କୁମାର ଅଗ୍ରୱାଲ)

ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ଗହିରା ଗ୍ରାମ ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ରାଇରଙ୍ଗପୁର ସହରାଞ୍ଚଳ ଇଟିଣ୍ଡା ବସ୍ତି ଅଞ୍ଚଳର ଦୀପକ କୁମାର ମହାନ୍ତିଙ୍କ ପୁଅ ଜିତ୍ (୧୪)। ସେ ରାଇରଙ୍ଗପୁର ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଗହିରା ଗ୍ରାମସ୍ଥିତ ମାମୁ ଘରକୁ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ସେ ଗାଧୋଉ ଥିବାବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୪) ରୁଜୁ ହୋଇଛି।

## ଭଦ୍ରକ କଲେଜ ରୋଡ୍‌ରୁ ଜବରଦଖଲ ଉଚ୍ଛେଦ

# ମାଟିରେ ମିଶିଲା ଦୋକାନ

### ଭଙ୍ଗା ଗୃହରୁ ସାମଗ୍ରୀ ସଂଗ୍ରହ କରୁଛନ୍ତି ଲୋକେ

ଭଦ୍ରକ,୩୦।୮(ସନାତନ ରାଉତ)

ପ୍ରଶାସନ ପକ୍ଷରୁ ଶୁକ୍ରବାର ଭଦ୍ରକ ସହର କଲେଜ ରୋଡ୍‌ର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। କଲେଜ ଟ୍ରାଫିକ ଛକଠାରୁ କଲେଜଗେଟ୍ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ସରକାରୀ ଜମିରେ ଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦୋକାନ ଗୃହ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଉଚ୍ଛେଦ ପରେ ଭଙ୍ଗା କୋଠାଘରର ଇଟା, ରଡ୍ ଓ ଦୋକାନ ଭିତରେ ଥିବା ସାମଗ୍ରୀକୁ କିଛି ଲୋକ ସଂଗ୍ରହ କରୁଥିବା ଦେଖାଯାଇଥିଲା। ଦୋକାନ ଘର ଭଙ୍ଗା


ଭଙ୍ଗା ଯାଇଥିବା ସ୍ଥାନରୁ ଲୋକେ ସାମଗ୍ରୀ ସଂଗ୍ରହ କରୁଛନ୍ତି।

ଯାଉଥିବା ବେଳେ ଆଉ କିଛି ଲୋକ ଏହିସବୁ ସାମଗ୍ରୀ ସଂଗ୍ରହ କରି ଦୁଇ ପଇସା ରୋଜଗାର ପାଇଁ ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳିଛି। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଓ ପୁରୁଣାବଜାର ଥାନା ଅଧିକାରୀ ନିରୋଜ ସାମଲ ଉପସ୍ଥିତ ଥିଲେ। ଉଚ୍ଛେଦ ସମୟରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଦଣ୍ଡ ଗଣିବେ ପୌର ନିର୍ବାହୀ ଅଧିକାରୀ

ଭଦ୍ରକ,୩୦।୮(ସନାତନ ରାଉତ)

ଜିଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଏକ ଉପଭୋକ୍ତା ମାମଲାର ବିଚାର କରି ଭଦ୍ରକ ପୌର ନିର୍ବାହୀ ଅଧିକାରୀଙ୍କୁ ଆର୍ଥିକ ଦଣ୍ଡାଦେଶ ଦେଇଛନ୍ତି। ପ୍ରକାଶ ଯେ, ଭଦ୍ରକ ପୌରପାଳିକା ଅଧୀନ ୩୦ ନଂ. ୱାର୍ଡ ବାଲିପାଟଣା ଗାଁର ଦେବଦତ୍ତ ନାୟକ ପୌରପାଳିକା ପକ୍ଷରୁ ପ୍ରକାଶିତ ବିଜ୍ଞାପନ ମୁତାବକ ଦୋକାନ ଘର ଭଡ଼ାସୂତ୍ରରେ ନେବାକୁ ୧୯୯୯ ଜାନୁଆରୀ ୨୫ରେ ୫ ହଜାର ଓ ୨୦୦୫ ଜୁଲାଇ ୨୩ରେ ୧୧ ହଜାର ମୋଟ ୧୬ ହଜାର ଟଙ୍କା ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ପୌରପାଳିକା ପକ୍ଷରୁ ବିଭିନ୍ନ ସ୍ଥାନରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲେ ମଧ୍ୟ ୨୦୨୦ ମସିହା ପର୍ଯ୍ୟନ୍ତ ତାଙ୍କୁ ଦୋକାନ ଘର ଦିଆଯାଇ ନ ଥିଲା। ଶେଷରେ ଦେବଦତ୍ତ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଅଭିଯୋଗ କରିବା ପରେ ସିସି ନଂ.୧୪/୨୦୨୦ ରୁଜୁ ହୋଇଥିଲା। ପୌର ନିର୍ବାହୀ ଅଧିକାରୀ ହାଜର ହୋଇ ଆବେଦନକାରୀଙ୍କୁ ଘର ଦିଆଯାଇ ନ ଥିବାରୁ ଟଙ୍କା ଫେରସ୍ତ ଲାଗି ସମ୍ମତି ପ୍ରଦାନ କରିଥିଲେ। ନିକଟରେ ଉପଭୋକ୍ତା ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ମାମଲାର ବିଚାର କରି ଦେବଦତ୍ତଙ୍କୁ ପୌର ନିର୍ବାହୀ ଅଧିକାରୀ ମୂଳ ଜମା ୧୬ ହଜାର ଟଙ୍କା ସହ ୬ ପ୍ରତିଶତ ସୁଧରେ ୨୦୨୦ ମସିହାରୁ ଏପର୍ଯ୍ୟନ୍ତ ୧୮ ହଜାର ୩୬୦ ଟଙ୍କା ମୋଟ ୩୪ ହଜାର ୩୬୦ ଟଙ୍କା ରାୟ ପ୍ରକାଶର ୩ ଦିନ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଫସଲ ସର୍ବେକ୍ଷଣ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ତିହିଡ଼ି,୩୦।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକସ୍ତରୀୟ ଫସଲ ସର୍ବେକ୍ଷଣ କାର୍ଯ୍ୟାରମ୍ଭ କର୍ମଶାଳା, ଖରିଫ-୨୦୨୪ ଶୁକ୍ରବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଗୋଷ୍ଠୀ କୃଷି ଅଧିକାରୀଙ୍କ ଦ୍ୱାରା ଆୟୋଜିତ କର୍ମଶାଳାରେ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ତଥା ଅଙ୍କିୟ ସର୍ବେକ୍ଷଣର ଅଧ୍ୟକ୍ଷ ଜୟଦ୍ରଥ ଆଚାର୍ଯ୍ୟ ଯୋଗଦେଇ ଡିଜିଟାଲ ସର୍ବେକ୍ଷଣ ସମ୍ପର୍କରେ ସମସ୍ତ ଚାଷୀ ଯେପରି ଅବଗତ ହୋଇପାରିବେ, ସେ ଦିଗରେ ସରପଞ୍ଚ ଓ ସମିତିସଭ୍ୟମାନେ ସହଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଅନ୍ୟତମ ଅତିଥି ଭାବେ ସହକାରୀ ଉଦ୍ୟାନ ଅଧିକାରୀ ନୀହାରିକା ଜ୍ୟୋତିରେଖା ନାୟକ, ବ୍ଲକସ୍ତରୀୟ ପ୍ରଶିକ୍ଷକ ଏସ୍. ଗିରିଜାଶଙ୍କର ରାୟ ଚୌଧୁରୀ, ବ୍ଲକ ବୈଷୟିକ ପରିଚାଳକ ରଞ୍ଜିତ କୁମାର ସାହୁ ଓ ଅନୁରାଗ ନାୟକ ଯୋଗଦେଇ ସର୍ବେକ୍ଷଣ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।

ସମବାୟ ସମିତି ସମ୍ପାଦକ ଅମରେନ୍ଦ୍ର ନାୟକ, ସଞ୍ଜୟ ନାୟକ, କୃପାସିନ୍ଧୁ ଦାସ, ବିଶ୍ୱନାଥ ଖୁଣ୍ଟିଆ, ସତ୍ୟଭାମା ବିଶ୍ୱାଳ, ଗୀତାଞ୍ଜଳି ଦାସ, ସରପଞ୍ଚ ଉଦ୍ଧବ ଚରଣ ନାୟକ, ଚକ୍ରଧର ଦାସ, ସୁପ୍ରଭା ପାଣି, ଯଶୋଦା ମଲ୍ଲିକ, କୁନ୍ତଳା ମଲିକ, ଲକ୍ଷ୍ମୀପ୍ରିୟା ସାମଲ, ସମିତିସଭ୍ୟ ଚିନ୍ତାମଣି ଦାସ, ପ୍ରିୟବନ୍ଧୁ ମାଝୀ, ଭାଗିରଥୀ ମଲିକ, ଜୟପ୍ରକାଶ ମଲିକ, ଚାଷୀ ଗଣେଶ ପ୍ରସାଦ ଖାମୁରାଇ, କୃଷକ ସାଥୀ ହରିହର ମଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୃଷି ଓଭରସିୟର ରତିକାନ୍ତ ମିଶ୍ର, ଗ୍ରାମ୍ୟ କୃଷି କର୍ମଚାରୀ ସନ୍ତୋଷ ମହାନ୍ତି, ଆଲୋକ ନାୟକ, ବାସନ୍ତୀ ସ୍ୱାଇଁ, ସ୍ନେହଲତା ବାରିକ, ଆଲୋକ ମଲ୍ଲିକ, ସୁଜାତା ମହାନ୍ତି, ଗୀତାଞ୍ଜଳି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ସର୍ବେକ୍ଷଣ ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହୋଇଥିବା ବେଳେ ସେପ୍ଟେମ୍ବର ୧୫ ଯାଏ ଚାଲିବ।

# ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ବିଳମ୍ବ

### ତୁରନ୍ତ କାର୍ଯ୍ୟ ଆରମ୍ଭ ନ ହେଲେ ଆନ୍ଦୋଳନ ଚେତାବନୀ

ଭଦ୍ରକ,୩୦।୮(ସନାତନ ରାଉତ)

ବନ୍ତ ବ୍ଲକର ଓଡ଼ଙ୍ଗ ପଞ୍ଚାୟତ ଅଧୀନ ବୋଡ଼କପାଟଣାଠାରେ ଏକ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଚିଠି ଅନୁସାରେ ସ୍ଥିର ହୋଇଥିଲା। ଓଡ଼ଙ୍ଗ ପଞ୍ଚାୟତକୁ ଆସିଥିବା ଏହି ଉପକେନ୍ଦ୍ର ବୋଡ଼କ ପାଟଣା ଖାତା ନଂ.୨୭୧ ଓ ପ୍ଲଟ ନଂ. ୬୭୫ରେ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଛି। କିନ୍ତୁ ୩ ମାସ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର କୌଣସି ଚାପର ବଶବର୍ତ୍ତୀ ହୋଇ କାର୍ଯ୍ୟ ଆରମ୍ଭ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ନିକଟରେ ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୨ ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଗଲେ ଭଦ୍ରକ-ଆଗରପଡ଼ା ରାସ୍ତାର ଜାମବଣି ଛକଠାରେ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଦିଆଯିବ ବୋଲି ରାଜୀବ ଲୋଚନ ଜେନା, ହୃଦାନନ୍ଦ ରାଉତ, ସଞ୍ଜୟ କୁମାର ପାଲ, ରାଜକିଶୋର ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଅବସର ପରେ ୨୫ ହଜାର ପେନ୍‌ସନ ମିଳୁ


ଏସ୍‌ୟୁଜେ ପକ୍ଷରୁ ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଏସ୍‌ୟୁଜେର ଦାବି

ଭଦ୍ରକ,୩୦।୮(ସନାତନ ରାଉତ)

ଷ୍ଟେଟ୍ ୟୁନିୟନ ଅଫ୍ ଜର୍ନାଲିଷ୍ଟ(ଏସ୍‌ୟୁଜେ)ର ଭଦ୍ରକ ଶାଖା ପକ୍ଷରୁ ଶୁକ୍ରବାର ଖବରଦାତାମାନଙ୍କ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟ କେତେକ ରାଜ୍ୟ ଭଳି ଓଡ଼ିଶାରେ କାର୍ଯ୍ୟରତ ଖବରଦାତାମାନଙ୍କୁ (୬୦ ବର୍ଷ) ଅବସର ପରେ ୨୫ ହଜାର ଟଙ୍କା ପେନ୍‌ସନ ପ୍ରଦାନ କରାଯିବାକୁ ଦାବି ହୋଇଛି। ସେହିପରି ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅଟୋ ରିନୁଆଲ କରିବା, ରାଜଧାନୀ ଭୁବନେଶ୍ୱରରେ ଖବରଦାତାମାନଙ୍କ ସାମୟିକ ଅବସ୍ଥାନ ପାଇଁ ଏକ ଅତିଥି ଭବନ ନିର୍ମାଣ, ସ୍ୱାସ୍ଥ୍ୟବୀମାରେ ମାତାପିତାଙ୍କୁ ସାମିଲ ଏବଂ ୫ ଲକ୍ଷ ଟଙ୍କା ପରିବର୍ତ୍ତେ ୨୦ ଲକ୍ଷକୁ ବୃଦ୍ଧି, କାର୍ଯ୍ୟରତ ସାମ୍ବାଦିକଙ୍କ ମୃତ୍ୟୁକାଳୀନ ସହାୟତା ରାଶି ୨୫ ଲକ୍ଷ ଟଙ୍କା ପ୍ରଦାନ, ସୁରକ୍ଷା ଆଇନ ପ୍ରଣୟନ ଆଦି ପ୍ରମୁଖ ଦାବି ସମ୍ବଳିତ ଦାବିପତ୍ର ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କୁ ପ୍ରଦାନ କରାଯାଇଛି।

ଜିଲା ସଂଘର ସଭାପତି ପ୍ରତାପ କୁମାର ଦାସ, ସାଧାରଣ ସମ୍ପାଦକ ତପନ କୁମାର ମିଶ୍ର, ମୁଖ୍ୟ ଉପଦେଷ୍ଟା ନୀହାର କୁମାର ଦାସ, ଉପଦେଷ୍ଟା ବାସୁଦେବ ତ୍ରିପାଠୀ, ତପନ କୁମାର ସ୍ୱାଇଁ, ଧ୍ରୁବଚରଣ ନାୟକ, କାର୍ଯ୍ୟକାରୀ ସଭାପତି ଉମାକଲ୍ୟାଣ ମହାପାତ୍ର, ଉପସଭାପତି ଶିବାନନ୍ଦ ଦାସ, ରଜତ କୁମାର ପଣ୍ଡା, ଗୁଲାମ ଜିଲାନୀ ହବିବ, ଅଜୟ କୁମାର ପଣ୍ଡା, ଜଗନ୍ନାଥ ନାୟକ, ସଞ୍ଜୀବ ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏହି ଅବସରରେ ଭଦ୍ରକରେ ଏକ ସାମ୍ବାଦିକ ଭବନ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରାଯାଇଥିଲା।

# ପ୍ରାଣୀ ଗଣନା ପାଇଁ ତାଲିମ

ଭଦ୍ରକ,୩୦।୮(ସନାତନ ରାଉତ)

ପ୍ରତି ୫ ବର୍ଷରେ ଥରେ ସାରା ଦେଶରେ ପ୍ରାଣୀଗଣନା ହେଉଥିବା ବେଳେ ଚଳିତବର୍ଷ ସେପ୍ଟେମ୍ବର ୧ରୁ ୨୧ତମ ପ୍ରାଣୀ ଗଣନା ଆରମ୍ଭ ହେବ। ସମସ୍ତ ଗୃହପାଳିତ ପଶୁପକ୍ଷୀ, ବୁଲା କୁକୁର ଓ ଷଣ୍ଢଙ୍କୁ ଏହି ଗଣନାରେ ସାମିଲ କରାଯିବ। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୦୨ଜଣ ଏନୁମରେଟର ଓ ୧୮ ସୁପରଭାଇଜରଙ୍କୁ କର୍ମଶାଳାରେ ତାଲିମ ଦିଆଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ପ୍ରାଣୀ


ଗଣନା ପାଇଁ କର୍ମଶାଳାରେ ନିୟମାବଳୀ ପୁସ୍ତିକା ପ୍ରଦର୍ଶନ କରାଯାଉଛି।

ଚିକିତ୍ସାଧିକାରୀ ଡା. ଭବାନୀ ପ୍ରସାଦ ମହାପାତ୍ର ଯୋଗଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ତରୁଣ କୁମାର ମଲିକ ସଭାପତିତ୍ୱ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରାଣୀ ଗଣନା ପାଇଁ ବିଭାଗ ପକ୍ଷରୁ ଆସିଥିବା ନିୟମାବଳୀ ପୁସ୍ତିକା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଉପଖଣ୍ଡସ୍ତରୀୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁନୀଲ କୁମାର ଭୂୟାଁ ସଂଯୋଜନା କରିବା ସହ ଗଣନାକାରୀ ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଶୀଲ କୁମାର ଧଳ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ସମସ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ, ପ୍ରାଣୀ ଚିକିତ୍ସକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀଧନ ନିରୀକ୍ଷକମାନେ କର୍ମଶାଳାରେ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନିଶା ନିବାରଣ ଦାବିରେ ପ୍ରତୀକାତ୍ମକ ଧାରଣା

ଭଦ୍ରକ,୩୦।୮(ସନାତନ ରାଉତ)

ରାଜ୍ୟରେ ନିଶା ନିବାରଣ ସହ ୧୯୫୬ ନିଶା ନିବାରଣ ଆଇନ ତୁରନ୍ତ ଲାଗୁ କରାଯିବା ପାଇଁ ସର୍ବୋଦୟ ମଣ୍ଡଳ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଣ୍ଡଳର ଭଦ୍ରକ ଜିଲା ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଉପସଭାପତି ଆଇନଜୀବୀ ଆଦିତ୍ୟ ନାୟକ, ଶିକ୍ଷାବିତ୍ ସଂଗ୍ରାମ ମହାନ୍ତି, ପ୍ରଭଞ୍ଜନ ରାଉଳ, ବୁଦ୍ଧିଜୀବୀ ରମେଶ ଚନ୍ଦ୍ର ଦାସ, ରାଧାକାନ୍ତ ଦୀକ୍ଷିତ, ବିଶ୍ୱନାଥ ଅଗ୍ରୱାଲ, ମହିଳା ସଂଘ ସଭାନେତ୍ରୀ କନକଲତା ଖୁଣ୍ଟିଆ, ଶିକ୍ଷାବିତ୍ ପ୍ରଭାତ ନଳିନୀ ମହାପାତ୍ର, ମଦବିରୋଧୀ ମଞ୍ଚ ନେତ୍ରୀ ରୀନା ନାୟକ, ତପସ୍ୱିନୀ ପରିଡ଼ା, ପୁଷ୍ପଲତା ତ୍ରିପାଠୀ ପ୍ରମୁଖଙ୍କ ସହ ବହୁ ମହିଳା ଓ ସର୍ବୋଦୟ ମଣ୍ଡଳର ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତୀକାତ୍ମକ ଧାରଣା ଦେଇଥିଲେ। ପରେ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟରେ ମାଦକ ଦ୍ରବ୍ୟ ଓ ନିଶା କାରବାର ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

# ବିଶୃଙ୍ଖଳିତ ସଦସ୍ୟଙ୍କୁ ବହିଷ୍କାର ଦାବି

### ଉତ୍କଳ ସାମ୍ବାଦିକ ସଂଘର ବୈଠକ

ଭଦ୍ରକ, ୩୦।୮(ରବିନାରାୟଣ ଖିଲାର)

ଉତ୍କଳ ସାମ୍ବାଦିକ ସଂଘ ଭଦ୍ରକ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ଉପଦେଷ୍ଟା ଅନିଲ କୁମାର ବାରିକ ପ୍ରମୁଖ ଯୋଗଦେଇ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଗତ କିଛି ମାସ ଧରି ସଂଘ ଓ କର୍ମକର୍ତ୍ତାଙ୍କ ବିରୋଧରେ ବିଶୃଙ୍ଖଳିତ ଆଚରଣ କରୁଥିବା ଜଣେ ଖବରଦାତା ତଥା ସଦସ୍ୟଙ୍କ ବିରୋଧରେ ତୁରନ୍ତ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୈଠକରେ ସର୍ବସମ୍ମତ ମତପ୍ରକାଶ ପାଇଥିଲା। ଜିଲା ସଭାପତି ଓ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ସହ ସର୍ବସମ୍ମୁଖରେ ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ଆଇନଗତ ପ୍ରଣାଳୀରେ ଖୁବ୍‌ଶୀଘ୍ର ବିଶୃଙ୍ଖଳ ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ସଭାପତିଙ୍କଠାରୁ ପ୍ରସ୍ତାବକୁ ଅନୁମୋଦନ କରାଯିବ ବୋଲି ରାଜ୍ୟ ସଭାପତି କହିଥିଲେ।

ଖବରଦାତା ଅବିନାଶ ପଣ୍ଡା, ଆଶିଷ ମହାନ୍ତି, ସୁଧାକର ଦାଶ, ସେକ୍ ଜାଫର ଅଲ୍ଲୀ, ସରୋଜ କୁମାର ସେଠୀ, ରାମନାରାୟଣ ମହାନ୍ତି, ଦୁର୍ଯ୍ୟୋଧନ ଲେଙ୍କା, ସନ୍ତୋଷ ଦାସ, ରମେଶ ଚନ୍ଦ୍ର ପାଗଳ, ସାଧନ ଧର, ଅନନ୍ତ ଜେନା, ସଞ୍ଜୀବ ନାୟକ, ତାପସ ରଞ୍ଜନ ସାହୁ, ପ୍ରଦୀପ ବାରିକ, ଅବଦୁଲ ଫିରୋଜ ଖାଁ, ଶିଶିର ସ୍ୱାଇଁ, ଜଗନ୍ନାଥ ବେହେରା, ରତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ ସଭାପତି, ସମ୍ପାଦକଙ୍କ ନାମ ଘୋଷଣା କରାଯାଇଥିଲା। ଧାମନଗର ବ୍ଲକ ସଭାପତି ଓ ସମ୍ପାଦକ ଭାବେ ଯଥାକ୍ରମେ ସୁଶାନ୍ତ କୁମାର ରାଉତ, ବିବେକାନନ୍ଦ ପଣ୍ଡା ଏବଂ ଭଣ୍ଡାରିପୋଖରୀର ସଭାପତି ଓ ସମ୍ପାଦକ ଭାବେ ଦୁର୍ଯ୍ୟୋଧନ ଲେଙ୍କା ଓ ବିକାଶ ବେହେରାଙ୍କ ନାମକୁ ଜିଲା ସଭାପତି ସ୍ୱୀକୃତି ପ୍ରଦାନ କରିଥିଲେ। ନିରଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପୂର୍ଣ୍ଣ ହୋଇପାରୁନି ଗୋଷ୍ଠୀ ପରିମଳ କେନ୍ଦ୍ର

ଆଗରପଡ଼ା,୩୦।୮(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ବନ୍ତ ବ୍ଲକର ଆଗରପଡ଼ା ବଜାରରେ ମହିଳାମାନଙ୍କ ପାଇଁ ନିର୍ମାଣ ହୋଇଥିବା ଗୋଷ୍ଠୀ ପରିମଳ କେନ୍ଦ୍ର ଆଜି ପର୍ଯ୍ୟନ୍ତ କାର୍ଯକାରୀ ହୋଇପାରୁ ନାହିଁ। ଦୀର୍ଘଦିନର ଦାବି ପରେ ୨୦୨୦-୨୧ ଆର୍ଥିକ ବର୍ଷରେ ବଡ଼ମହିଷଗୋଠ ଏବଂ ବିଟିପୁର ପଞ୍ଚାୟତ ଅଧୀନରେ ଥିବା ଆଗରପଡ଼ା ବଜାରରେ ୨ଟି ଶୌଚାଳୟ ୩ ଲକ୍ଷ ବ୍ୟୟ ଅଟକଳ ମୂଲ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ଶେଷ ହୋଇ ନ ପାରିବାରୁ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୪ଲକ୍ଷ ଅଟକଳ ମୂଲ୍ୟରେ ପୁନଃ ନିର୍ମାଣ କରାଯାଇଥିଲା। ବଡ଼ମହିଷଗୋଠ ପଞ୍ଚାୟତ ପକ୍ଷରୁ ଶୌଚାଳୟର କାର୍ଯ୍ୟ ଶେଷ ହୋଇଥିବା ସତ୍ତ୍ୱେ ପାଣି ସଂଯୋଗୀକରଣ ନ ଥିବାରୁ ତାହା କାର୍ଯ୍ୟକାରୀ ନ ହୋଇ ବନ୍ଦ ରହିଛି। ସେହିପରି ବିଟିପୁର ପଞ୍ଚାୟତ ପକ୍ଷରୁ ନିର୍ମିତ ପରିମଳ କେନ୍ଦ୍ରର ଅବସ୍ଥା


ଆଗରପଡ଼ା ବଜାରରେ ଥିବା ଅସମ୍ପୂର୍ଣ୍ଣ ଗୋଷ୍ଠୀ ପରିମଳ କେନ୍ଦ୍ର।

ଅତ୍ୟନ୍ତ ଶୋଚନୀୟ। ଏହାର କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇ ନ ଥିବା ବେଳେ ଚତୁଃପାର୍ଶ୍ୱ ଅଳିଆଗଦା ପାଲଟିଛି।

ଭଦ୍ରକ, କେନ୍ଦୁଝର ଓ ବାଲେଶ୍ୱର ୩ ଜିଲାର ସଙ୍ଗମସ୍ଥଳ ଆଗରପଡ଼ା ବଜାର ହୋଇଥିବା ବେଳେ ଭଦ୍ରକ ଜିଲାର ଏହା ଏକ ପ୍ରମୁଖ ବଜାର। ୩ ଜିଲାର ଲକ୍ଷାଧିକ ଲୋକ ଏହା ଉପରେ ନିର୍ଭରଶୀଳ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ମହିଳା କଲେଜ ଆଦି ଅନୁଷ୍ଠାନ ଥିବାବେଳେ ଏଠାରୁ ଭଦ୍ରକ ଓ ଭୁବନେଶ୍ୱର ଯିବା ପାଇଁ ପ୍ରତ୍ୟେକ ଦିନ ବହୁ ମହିଳା ଓ ଯୁବତୀ ଆସିଥାନ୍ତି। ଶୌଚାଳୟ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ଓ ବ୍ଲକ ଅଧ୍ୟକ୍ଷଙ୍କ ଅଞ୍ଚଳ ହୋଇଥିବା ବେଳେ ଗୋଷ୍ଠୀ ପରିମଳ କେନ୍ଦ୍ର କାର୍ଯ୍ୟକାରୀ ହେବାରେ ବିଳମ୍ବ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ସରକାରୀ ପ୍ରକଳ୍ପକୁ ଶେଷ କରିବାରେ ଲୋକପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଟିପୁର ସରପଞ୍ଚଙ୍କ ପ୍ରତିନିଧି ସପନ କୁମାର ସ୍ୱାଇଁ କହିଛନ୍ତି, ଉକ୍ତ କେନ୍ଦ୍ର ଆଗରେ ଜବରଦଖଲ ଥିବାରୁ ଏନେଇ ତହସିଲଦାରଙ୍କୁ ଅବଗତ କରାଯାଇଛି। ଜବରଦଖଲ ଉଚ୍ଛେଦ ପରେ ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ବଡ଼ମହିଷଗୋଠ ସରପଞ୍ଚଙ୍କ ପ୍ରତିନିଧି ଦୀପକ କୁମାର ମହାନ୍ତି କହିଛନ୍ତି, ପାଣି ସୁବିଧା ନ ଥିବାରୁ ଉକ୍ତ ପରିମଳ କେନ୍ଦ୍ର କାର୍ଯ୍ୟକାରୀ ହୋଇପାରୁ ନାହିଁ। ଆଉ ଦୁଇମାସ ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଯିବ।

## ଗଞ୍ଜେଇ ଜବତ, ୩ ଗିରଫ

ଜଳେଶ୍ୱର,(ନବୀନ ସାହୁ)-ପଶ୍ଚିମବଙ୍ଗ ବେଲଦା ରେଳ ଷ୍ଟେଶନରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗ ସହିତ ୩ ଯୁବକଙ୍କୁ ଜିଆରପି ଗିରଫ କରିଛି। ୩ ଜଣ ଯୁବକ ଭଦ୍ରକରୁ ହାୱଡ଼ା ଟ୍ରେନ୍‌ରେ ୩ଟି ବ୍ୟାଗ୍‌ରେ ଗଞ୍ଜେଇ ଚୋରାଚାଲାଣ କରୁଥିଲେ।ଖବରପାଇ ଟ୍ରେନକୁ ବେଲଦା ଷ୍ଟେଶନରେ ଅଟକ ରଖି ଯାଞ୍ଚ କରାଯାଇଥିଲା। ପରେ ଉକ୍ତ ବ୍ୟାଗ୍‌ରୁ ୧୯କି.ଗ୍ରା. ଗଞ୍ଜେଇ ଉଦ୍ଧାର କରାଯାଇଥିଲା। ଗିରଫ ୩ ଯୁବକଙ୍କ ଘର ଭଦ୍ରକ ଅଞ୍ଚଳର ବୋଲି ଜଣାପଡ଼ିଛି।

**ବାଲେଶ୍ୱର**

# ନାବାଳିକାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା

**ରେମୁଣା, ୩୦।୮(ରବୀନ୍ଦ୍ର ମହାକୁଡ଼)**

ବାଲେଶ୍ୱର ଆଲଏଜ୍ ନିକଟରେ ନିଖୋଜ ନାବାଳିକାଙ୍କ ମୃତଦେହ ଗୁରୁବାର ବିଳମ୍ବିତ ରାତିରେ ଠାବ ହୋଇଛି। ସମ୍ପୃକ୍ତା ୯ବର୍ଷୀୟା ନାବାଳିକା ୩ଦିନ ହେବ ନିଖୋଜ ଥିଲେ। ତାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା କରାଯାଇଛି। ଏହି ଘଟଣାରେ ରେମୁଣା ପୋଲିସ ଏକ ମାମଲା(ନଂ.୧୪୫/୨୪) ରୁଜୁ କରି ରବି ସିଂ(୪୩) ନାମକ ଯୁବକଙ୍କୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁସାରେ ରେମୁଣା ଅଞ୍ଚଳରେ ରହୁଥିବା ନାବାଳିକାଙ୍କୁ ରବି ସିଂ ଜଳଖିଆ ଖୁଆଇବା ବାହାନାରେ ବଜାରକୁ ଡାକିନେଇଥିଲେ। ତା' ପରଠାରୁ ସେ ଆଉ ଫେରି ନ ଥିଲେ। ଖୋଜାଖୋଜି କରି ନ ପାଇବାରୁ

**୩ ଦିନ ହେବ ନିଖୋଜ ଥିଲେ**

ପରିବାର ଲୋକେ ରେମୁଣା ଥାନାରେ ଅଭିଯୋଗ କରିଥିଲେ। ବାଲେଶ୍ୱର ଆଲଏଜ୍ ନିକଟସ୍ଥ ଏକ ବନ୍ଦ କୋଠରି ମଧ୍ୟରୁ ଦୁର୍ଗନ୍ଧ ବାହାରୁଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଉକ୍ତ ମୃତଦେହ ନିଖୋଜ ନାବାଳିକାଙ୍କର ବୋଲି ଜଣାପଡିବା ପରେ ପୋଲିସ ରବି ସିଂଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ବଳାତ୍କାର ପରେ ନାବାଳିକାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ଶୁକ୍ରବାର ସକାଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

## ଖଇରାରେ ନୂତନ ତହସିଲଦାର

ଖଇରା, ୩୦।୮(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ତହସିଲର ନୂତନ ତହସିଲଦାର ଭାବେ ଜିତେନ୍ଦ୍ର ମୁର୍ମୁ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଜଳେଶ୍ୱର ତହସିଲରେ ତହସିଲଦାର ଭାବେ ଅବସ୍ଥାପିତ ଥିଲେ।



ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ସେବାକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ତାକୁ ସେ ପ୍ରାଥମିକତା ଦେବ ବୋଲି ଗଣମାଧ୍ୟମକୁ ସୂଚନା ଦେବା ଅବସରରେ କହିଛନ୍ତି। ଶୁକ୍ରବାର କାର୍ଯ୍ୟରେ ଯୋଗଦାନ ପରେ ବରିଷ୍ଠ ନାଗରିକ ମଞ୍ଚ ଓ ଖଇରା ତହସିଲ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

## ଯାଦବ ମହାସଂଘର ବରିଷ୍ଠ ନେତାଙ୍କ ପରଲୋକ

ରେମୁଣା, ୩୦।୮(ରବୀନ୍ଦ୍ର ମହାକୁଡ଼)- ବାଲେଶ୍ୱର ଜିଲା ଯାଦବ (ଗୋପାଳ) ମହାସଂଘର ବରିଷ୍ଠ ନେତା ବିଶ୍ୱନାଥ ଦାସଙ୍କର ସୁନାହାରସ୍ଥିତ ବାସଭବନରେ ଶୁକ୍ରବାର ପରଲୋକ ହୋଇଛି। ସ୍ୱର୍ଗତ



ଦାସ ଜଣେ ସରକାରୀ କର୍ମଚାରୀ ଥିଲେ। ତାଙ୍କ ଜୀବନ କାଳରେ ୩୦ ବର୍ଷରୁ ଉର୍ଦ୍ଧ୍ୱ ନିରାଡ଼ମ୍ବର ଭାବେ ତାଙ୍କ ଚାକିରୀ ଜୀବନରେ ଅନେକ ଲୋକଙ୍କ ସେବା କରିଥିଲେ। ଚାକିରିରୁ ବିରାମ ପରେ ଜିଲାର ଯାଦବ ମହାସଂଘର ନେତୃତ୍ୱ ନେଇ ସମସ୍ତ ଗୋପାଳଙ୍କୁ ଏକଜୁଟ କରିବାରେ ସେ ସମର୍ଥ ହୋଇଥିଲେ। ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ। ମହାସଂଘ ଅଧ୍ୟକ୍ଷ ଭାଗିରଥି ବାରିକ, ସଭାପତି ରବୀନ୍ଦ୍ର ମହାକୁଡ, ସାଧାରଣ ସମ୍ପାଦକ ନିଶିତ୍ ବାରିକ, କାର୍ଯ୍ୟକାରୀ ସଭାପତି ଅଶ୍ୱିନି ଦାସ ଓ ରାଜକିଶୋର ଦାସ, ପ୍ରଭାସ ଦାସ, ସୁରଞ୍ଜନ ଦାସ, ମାଧବାନନ୍ଦ ଦାସ ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବାଲେଶ୍ୱରରେ ଜାତୀୟ କ୍ରୀଡ଼ା ଦିବସ

**ବାଲେଶ୍ୱର, ୩୦।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ପ୍ରଶାସନ ଓ ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଭୀମପୁରାସ୍ଥିତ କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ଏକ ସାମୂହିକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା।

ଶିବିର ପ୍ରାରମ୍ଭରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରି ଭାରତର କ୍ରୀଡ଼ା ବିଶେଷ ଭାବେ ହକି ଖେଳର ସ୍ୱର୍ଣ୍ଣିମ ଇତିହାସରେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ମୁଖ୍ୟଅତିଥି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ କ୍ରୀଡ଼ା ସୁସ୍ଥ ଶରୀର ଓ ସୁସ୍ଥ ମନକୁ ବିକଶିତ କରୁଥିବାରୁ ଛାତ୍ରୀଛାତ୍ର କ୍ରୀଡ଼ାକୁ



ଯୋଗ ଶିବିରରେ ଜିଲାପାଳ, କ୍ରୀଡା ଅଧିକାରୀଙ୍କ ସହ ଅନ୍ୟମାନେ।

ଆପଣାଇବା ଉଚିତ୍ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ବାଲେଶ୍ୱର ଆଥଲେଟିକ ଆସୋସିଏସିଆନର ଯୁଗ୍ମ ସମ୍ପାଦକ ଜଗଦୀଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଫିଟ୍ ଇଣ୍ଡିଆର ନାରା ଦେଇ ସୁସ୍ଥ ରହିବା ଦିଗରେ ସମୂହ ଶପଥପାଠ କରାଯାଇଥିଲା। ଅପରାହ୍ନରେ କ୍ରୀଡ଼ା ଛାତ୍ରାବାସ ଓ ଭେଟେରାନ୍ କ୍ରୀଡ଼ା ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ ଆୟୋଜନ କରାଯାଇଥିଲା। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀ ଯୋଗଦେଇ ଏହି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ।

# ଦେହୁଡଦା ବିଏସ୍‌ଏନ୍‌ଏଲ୍ ଅଫିସରେ ଚୋରି

**ଭୋଗରାଇ, ୩୦।୮(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେହୁଡଦା ଥାନାଛକଠାରେ ଥିବା ଭାରତୀୟ ସଞ୍ଚାର ନିଗମ (ବିଏସଏନଏଲ) ଅଫିସରେ ଗୁରୁବାର ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ପଶି ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ଏନେଇ ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ଭୋଗରାଇ ପୋଲିସ ଅଭିଯୋଗକୁ ଭିତ୍ତି କରି ପ୍ରାଥମିକ ତଦନ୍ତ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତଲାସୀ ଜାରି ରଖିଛନ୍ତି। ସୂଚନାନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ବିଏସଏନଏଲର ବିଟିଏସ ଫେଲ୍ ହୋଇଥିବା ନେଇ ଶୁକ୍ରବାର ସକାଳେ ଜଳେଶ୍ୱର ଅଫିସରୁ ଫୋନ ଆସିଥିଲା। ପରେ ଦେହୁଡଦା ଅଫିସର ଟେକନିସିଆନ ତ୍ରିଲୋଚନ ଘଡ଼ାଇ ଆସି ଦେଖିଲେ ଅଫିସ ଗେଟର ତାଲା ଓ ଅଫିସ ସଟର ତାଲା ଖୋଲାପଡ଼ିଛି। ପାୱାର ବ୍ୟାକଅପ୍ ପାଇଁ ଲଗାଯାଇଥିବା ବ୍ୟାଟେରିଗୁଡ଼ିକ ଚୋରି ହୋଇଛି ବୋଲି ବିଏସଏନଏଲ ଏସ୍‌ଡିଓ କୌଶିକ ମୁର୍ମୁଙ୍କୁ ଫୋନ ଯୋଗେ ଜଣାଇଥିଲେ।

## ଏସ୍‌ଏଚଜିର ଇସି ମେମ୍ବର ପରିବର୍ତ୍ତନ ଦାବିରେ ବ୍ଲକ ଘେରାଉ

ଜଳେଶ୍ୱର, ୩୦।୮(ନବୀନ ସାହୁ)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ(ଏସଏଚଜି)ର ଇସି ମେମ୍ବରମାନଙ୍କୁ ପରିବର୍ତ୍ତନ ଦାବିରେ ମହିଳାମାନେ ଧାରଣା ଓ ବିକ୍ଷୋଭ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଥିବା ଏସ୍‌ଏଚଜିରେ ଥିବା ଇସି ମେମ୍ବରମାନେ ପ୍ରତି ୨ ବର୍ଷକୁ ପରିବର୍ତ୍ତନର ସରକାରୀ ନିୟମ ରହିଥିବା ବେଳେ ବିଗତ ୪ରୁ ୫ବର୍ଷ ଧରି କୌଣସି ପରିବର୍ତ୍ତନ ହୋଇନାହିଁ। ଫଳରେ ଇସି ମେମ୍ବରମାନେ ନିଜର ମନ ଇଚ୍ଛା କାର୍ଯ୍ୟ ହେବାର ମୁନାଫା ନେଉଥିବା ବେଳେ ଗ୍ରୁପ୍‌ର ଅନ୍ୟ ସଦସ୍ୟ ମହିଳାମାନେ କୌଣସି ଲାଭ ପାଇ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ଆଜି ବିଭିନ୍ନ ଏସ୍‌ଏଚଜର ମହିଳାମାନେ ଜଳେଶ୍ୱର ବ୍ଲକ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଧାରଣା ଦେଇଥିଲେ। ତୁରନ୍ତ ଇସି ମେମ୍ବରମାନଙ୍କୁ ପରିବର୍ତ୍ତନ କରିବା ସହିତ ସମସ୍ତ ମହିଳାଙ୍କୁ ଭତ୍ତା ପ୍ରଦାନ ପାଇଁ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବିକ୍ଷୋଭରେ ତିଳୋତ୍ତମା ଜେନା, ପଦ୍ମାବତୀ ଜେନା, ପୁଷ୍ପାଞ୍ଜଳି ବେହେରା, କଳ୍ପନା ଜେନା, ଲିପାରାଣୀ ପାତ୍ର, ଗୌରୀରାଣୀ ମାନ୍ନା, ସାବିତ୍ରୀ ମହାପାତ୍ର, ବୀଣାପାଣି ପାଳ, ସବିତା ଦାସ, ସସ୍ମିତା ଦେ, ଗୀତାରାଣୀ ଜେନା, ରେବତୀ ପ୍ରମାଣିକ ପ୍ରମୁଖଙ୍କ ନେତୃତ୍ୱରେ ମହିଳାମାନେ ଧାରଣା ଦେଇଥିଲେ।

# ମୁକ୍ତାର ଆହେମଦ ସଭାପତି, ସେଖ ଆୟୁବ ସମ୍ପାଦକ

## ମୁସଲିମ୍ ୱେଲଫେୟାର ସୋସାଇଟିର ନୂତନ କର୍ମକର୍ତ୍ତା



ନୂତନ ସଭାପତି ଓ ସମ୍ପାଦକଙ୍କୁ ସ୍ୱାଗତ କରାଯାଉଛି।

**ବାଲେଶ୍ୱର, ୩୦।୮(ବାଞ୍ଛାନିଧି ଦେ)**

ବାଲେଶ୍ୱରର ଅନ୍ୟତମ ସାମାଜିକ ଅନୁଷ୍ଠାନ ମୁସଲିମ ୱେଲଫେୟାର ସୋସାଇଟିର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ପୁଲବଜାର ଛକସ୍ଥିତ ନିକାହ ମହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସଦସ୍ୟ ହାଜି ସେଖ ଉସମାନ ସଭାପତିତ୍ୱ କରିଥିଲେ। ସଭାପତି ଭାବେ ପୁଣିଥରେ ମହମ୍ମଦ ମୁକ୍ତାର ଆହେମଦ ଓ ସମ୍ପାଦକ ଭାବେ ପୁନଶ୍ଚ କାଉନସିଲର ସେଖ ଆୟୁବ ମନୋନୀତ ହୋଇଥିଲେ। ଉପସଭାପତି ମହମ୍ମଦ ଆସଲମ ଖାନ, ସେଖ ରାଜାବ ଅଲି, ଯୁଗ୍ମ ସମ୍ପାଦକ ଭାବେ ମହମ୍ମଦ ଆବିଦ, ଶେଖ ବେଲାଲଉଦ୍ଦିନ, କୋଷାଧ୍ୟକ୍ଷ ଭାବେ ହାଜି ସେଖ ଜମାଲ ଏବଂ ମିଡିଆ ସଂଯୋଜକ ଭାବେ ହାଇଦର ଖାନଙ୍କୁ ମନୋନୀତ କରାଯାଇଛି। ପ୍ରାରମ୍ଭରେ ସଭାପତି ଏବଂ ସମ୍ପାଦକ ସୋସାଇଟି ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କର୍ମକର୍ତ୍ତା ଅବଦୁଲ ହାକିମ, ଆଜିମ ବାଲେଶ୍ୱରୀ, ସେଖ ନଜିମ, ସେଖ ଅଲି ମହମ୍ମଦ, ସେଖ ଆଲାମ, ଅବଦୁଲ ସବିର, ସେଖ ଆହାତ, ମହମ୍ମଦ ଆନିସୁଦ୍ଦିନ, ଗୋଲାମ ମନସୁର ଅଲି ଖାନ, ଅବଦୁଲ ମୁକ୍ତାର ଖାନ, ସେଖ ଇମତିୟାଜ ଅଲି, ସେଖ ଜିଶାନ ଅଲି, ମହମ୍ମଦ ମସ୍ତାନ ଖାନ, ସେଖ ମନସୁର ଅଲି ପ୍ରମୁଖ ଉପସ୍ଥିତ ଥିଲେ।

# ଖଇରା କଲେଜକୁ ନାକ୍ ବି + ମାନ୍ୟତା

**ଖଇରା, ୩୦।୮(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲାର ଖ୍ୟାତିସମ୍ପନ୍ନ ଖଇରା କଲେଜକୁ ନାକ ବି+ ର ମାନ୍ୟତା ମିଳିଛି। ତେବେ ବି ++ ପାଇଁ ୨.୭୫ ମାର୍କର ଆବଶ୍ୟକତା ଥିବା ବେଳେ କଲେଜକୁ ୨.୭୩ ମାର୍କ ମିଳିଛି। ଅର୍ଥାତ ମାତ୍ର ୦.୦୨ ମାର୍କପାଇଁ ଉପରୋକ୍ତ ଯୋଗ୍ୟତାରୁ ବଞ୍ଚିତ ହେବା ପରିଚାଳନା କମିଟି, ଅଭିଭାବକଙ୍କୁ ସାମାନ୍ୟ ନିରାଶ କରିଛି। ଏହି ଗ୍ରେଡ ପ୍ରାପ୍ତି ପାଇଁ ଅଧ୍ୟକ୍ଷ ଡ.କମଳାକାନ୍ତ ପତି ମହାବିଦ୍ୟାଳୟର ସମସ୍ତ ଷ୍ଟାଫ, ପରିଚାଳନା କମିଟି, ପୁରାତନ ଛାତ୍ରଛାତ୍ରୀ, ଶୁଭେଚ୍ଛୁ, ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ବି++ ମିଳିଥିଲେ ହୁଏତ ଆଉ ଟିକିଏ ଅଧିକ ଖୁସି ମିଳିଥାନ୍ତା ତଥାପି ମିଳିଥିବା ସଫଳତା ମଧ୍ୟ କିଛି କମ୍ ନୁହେଁ ବୋଲି ଅଧ୍ୟକ୍ଷ ଉଲ୍ଲେଖ କରିଛନ୍ତି। ୫ବର୍ଷ ଧରି ସମସ୍ତଙ୍କର କଠିନ ପରିଶ୍ରମ ପାଇଁ ଆଜି ମହାବିଦ୍ୟାଳୟ ଏହି ସ୍ତରରେ ପହଞ୍ଚିପାରିଥିବା କହିଛନ୍ତି। ଗୁରୁବାର ରାତିରେ ଏହି ଖବର ପହଞ୍ଚିବା ପରେ ଶୁକ୍ରବାର କଲେଜ କର୍ତ୍ତୃପକ୍ଷ ପିଲାମାନଙ୍କୁ ମିଠାବାଣ୍ଟି ଖୁସି ଜାହିର କରିଥିଲେ। ପ୍ରକାଶଥାଉ କି ନାକ୍‌ର ୩ଜଣିଆ ଟିମ୍ ଗତ ୨୦ ଓ ୨୧ ଦୁଇଦିନ ମହାବିଦ୍ୟାଳୟ ପରିଦର୍ଶନରେ ଆସି ବିଭିନ୍ନ ବିଷୟକୁ ଆଧାର କରି ମୂଲ୍ୟାଙ୍କନ କରିଥିଲେ।

**ମୟୂରଭଞ୍ଜ**

# ପରିତ୍ୟକ୍ତ ଅବସ୍ଥାରେ ଦେବୋତ୍ତର ସମ୍ପତ୍ତି

## ପୁନରୁଦ୍ଧାର ପରେ ରାଜସ୍ୱ ଅର୍ଥ ମଠମନ୍ଦିର ପରିଚାଳନାରେ ବିନିଯୋଗ କରିବାକୁ ଦାବି

**ବାରିପଦା,୩୦।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ସହର ମଧ୍ୟରେ ଥିବା ଦେବୋତ୍ତର ସମ୍ପତ୍ତି ଜବରଦଖଲରେ ରହିଛି। ପ୍ରଶାସନର ଆନ୍ତରିକତା ଅଭାବରୁ ଏହାର ପୁନରୁଦ୍ଧାର ହୋଇ ପାରୁନାହିଁ। ଫଳରେ ଅନେକ ଜମି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ପୌର ପରିଷଦ ଓ ଦେବୋତ୍ତର ବିଭାଗ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଉ ନ ଥିବାରୁ ବାରିପଦାରେ ଦେବୋତ୍ତର ଜମିର ଜବରଦଖଲ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରଶାସନର ଟାଳଟୁଳ ନୀତି ଯୋଗୁ ଠାକୁରଙ୍କ ରୀତିନୀତିରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଜିଲାସ୍ତରୀୟ ଏକ ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଦଳ (ଏସ୍‌ଆଇଟି) ଦ୍ୱାରା ଦେବୋତ୍ତର ଜମି ସମ୍ପର୍କରେ ତଥ୍ୟ ଦେବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କମିଟି ଗଠନ ହୋଇ ପାରୁନାହିଁ। ଫଳରେ ଜମିର ଦୁରୁପଯୋଗ ପୂର୍ବକ ବେଆଇନ ନିର୍ମାଣ କାର୍ଯ୍ୟ ତଥା ଜବରଦଖଲ ବଢ଼ି ଚାଲିଛି। ଏହି ସମ୍ପତ୍ତିର ପୁନରୁଦ୍ଧାର କରାଯାଇ ଆଦାୟ ରାଜସ୍ୱ ଅର୍ଥ ମଠମନ୍ଦିର ପରିଚାଳନାରେ ବିନିଯୋଗ କରିବାକୁ ଦାବି ହୋଇଛି। ଏନେଇ ସ୍ଥାନୀୟ ମଧୁବନ ଉନ୍ନୟନ ପରିଷଦ ଓ ବରିଷ୍ଠ ନାଗରିକ ସମିତି ପକ୍ଷରୁ ଏକ ଅଭିଯୋଗ ପତ୍ର ରାଜ୍ୟ ଆଇନ ସଚିବଙ୍କୁ ପ୍ରଦାନ କରାଯାଇଛି।

ତତ୍କାଳୀନ ରାଜାରାଜୁଡ଼ା ଶାସନ ସମୟରେ ଜିଲାର ୧୦ଟି ମଠମନ୍ଦିରର ସୁପରିଚାଳନା ନିମନ୍ତେ ବ୍ୟାପକ ଜମି ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ୨୦୨୧ରେ ଦେବୋତ୍ତର କମିଶନରଙ୍କ ପକ୍ଷରୁ ବିଭାଗ ଅଧୀନରେ ୧୦ଟି ମଠ ଓ ମନ୍ଦିର ନାମରେ ୪୪୨୨୧.୯୬ ଏକର ସମ୍ପତ୍ତି ରହିଥିବା ଓ ସେଥି ମଧ୍ୟରୁ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ନାମରେ ୨୧୭୫୨.୭୯ ଏକର ସମ୍ପତ୍ତି ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହି ସମ୍ପତ୍ତିରୁ ଆଦାୟ ହେଉଥିବା ରାଜସ୍ୱ ଠାକୁରଙ୍କ ରୀତିନୀତିରେ ବିନିଯୋଗ କରାଯିବା ନେଇ ମହାରାଜାମାନେ ଜମି ଦାନ କରିଥିଲେ। ମାତ୍ର ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ମୂଲ୍ୟବାନ ଦେବୋତ୍ତର ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ତାହାକୁ ଅସାଧୁ ଉପାୟରେ ନିଜ ଅକ୍ତିଆରକୁ ନେଇଯାଇଛନ୍ତି। ଏପରିକି ବାରିପଦା ସହରରେ ଥିବା ସମ୍ପତ୍ତିଗୁଡ଼ିକର ଉଚିତ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ତାହା ପରିତ୍ୟକ୍ତ ଅବସ୍ଥାରେ ପଡି ରହିବା ସହ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ୯ନଂ. ୱାର୍ଡ ମଧୁବନସ୍ଥିତ ଡାହାଣୀଗଡ଼ିଆଠାରେ



ମଧୁବନସ୍ଥିତ ଡାହାଣୀଗଡ଼ିଆଠାରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଦେବୋତ୍ତର ଜମି।

ଥିବା ୬ ଏକର ୬୦ ଡେସିମିଲ ଜମି ଯାହାକି ମୌଜା ବାରିପଦା ଟାଉନ, ୟୁନିଟ ନଂ. ୭ ଦେଉଳସାହି, ଖାତା ନଂ. ୨୨୨/୧୭, ପିଏସ୍ ନଂ. ୯୭ ଅନୁଯାୟୀ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ନାମରେ ସରକାରୀ ରେକର୍ଡଭୁକ୍ତ ରହିଛି। ଉକ୍ତ ସ୍ଥାନର ଉନ୍ନତୀକରଣ କରାଯାଉ ନ ଥିବାରୁ ଜଳାଶୟ ଓ ଡମ୍ପିଂୟାର୍ଡରେ ପରିଣତ ହୋଇଛି। ଅସାଧୁ ବ୍ୟକ୍ତିମାନେ ଉକ୍ତ ସ୍ଥାନକୁ ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଏପରିକି ପୌରପରିଷଦ ମଧ୍ୟ ୬୦ ଡେସିମିଲ ଜାଗା ଅକ୍ତିଆର କରି ପାର୍କ ନିର୍ମାଣ କରିଛି। ଯାହା ଦ୍ୱାରା ଦେବୋତ୍ତର ସମ୍ପତ୍ତି ବ୍ୟକ୍ତିଗତ ଦଖଲରେ ରହିଥିବା ମଧୁବନ ଉନ୍ନୟନ ପରିଷଦର ଉପସଭାପତି ରଘୁନାଥ ପଣ୍ଡା, ଯୋଗେନ୍ଦ୍ର ନାଥ ପଣ୍ଡା ଓ ବସନ୍ତ କୁମାର ଦାସ ପ୍ରକାଶ କରିଛନ୍ତି। ଏହାର ପୁନରୁଦ୍ଧାର କରାଯାଇ ଛଉ ପଡ଼ିଆ ଓ କଲେଜ ପଡ଼ିଆରେ ହେଉଥିବା ସରକାରୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଉକ୍ତ ସ୍ଥାନରେ କରାଗଲେ ସେଥିରୁ ଆଦାୟ ହେଉଥିବା ରାଜସ୍ୱ ପ୍ରଭୁ ଜଗନ୍ନାଥଙ୍କ ନୀତିକାନ୍ତିରେ ଲାଗିପାରନ୍ତା ବୋଲି ସମ୍ପାଦକ ବିକ୍ରମ କେଶରୀ ଜେନା କହିଛନ୍ତି। ବର୍ଷ ତମାମ ସାମାଜିକ, ଧର୍ମୀୟ ଓ ମେଳା ମହୋତ୍ସବ ଭଳି କାର୍ଯ୍ୟକ୍ରମ କରାଗଲେ ଅଞ୍ଚଳର ବିକାଶ ହେବା ସହିତ ଆଦାୟ ରାଜସ୍ୱକୁ ଦେବନୀତିରେ ବିନିଯୋଗ କରାଯାଇ ପାରନ୍ତା ବୋଲି ମତ ପ୍ରକାଶ ପାଇଛି।

ତେବେ ଦେବୋତ୍ତର ସମ୍ପତ୍ତିର ପୁନରୁଦ୍ଧାର ନିମନ୍ତେ ବିଗତ ସରକାରରେ ଥିବା ୫-ଟି ସଚିବଙ୍କଠାରେ ଅଭିଯୋଗ ପରେ ଏକ ସ୍ୱତନ୍ତ୍ର ଅନୁଧ୍ୟାନ କମିଟି ମାଧ୍ୟମରେ ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ ଲାଗି ନିର୍ଦ୍ଦେଶ ଜାରି କରାଯାଇଥିଲା। ମାତ୍ର ଅଦ୍ୟାବଧି ଦେବୋତ୍ତର ଜମିକୁ ନେଇ କୌଣସି ତଦନ୍ତ କରାଯାଇ ନାହିଁ ବୋଲି ଗୁରୁ ପ୍ରସାଦ କରଣ, କୁଞ୍ଜବନ ପୃଷ୍ଟି ଓ ରବୀନ୍ଦ୍ର ନାଥ ନାୟକ ପ୍ରକାଶ କରିଛନ୍ତି। ଦେବୋତ୍ତର ବିଭାଗ ଦାୟିତ୍ୱରେ ଥିବା ବାରିପଦା ଉପଜିଲାପାଳଙ୍କ ଜରିଆରେ ଠାକୁରଙ୍କ ସମ୍ପତ୍ତିକୁ ଜବରଦଖଲକାରୀଙ୍କଠାରୁ ମୁକ୍ତ କରି ସେହି ମୂଲ୍ୟବାନ ଜମିର ଚାରିପାଖରେ ପାଚେରି ନିର୍ମାଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ସେସବୁର ଉନ୍ନତୀକରଣ ତଥା ଜବରଦଖଲମୁକ୍ତ ନିମନ୍ତେ ପ୍ରତ୍ୟକ୍ଷ ଅନୁସନ୍ଧାନ କରାଯାଇ ସଦୁପଯୋଗ କରିବାକୁ ଦାବି କରାଯାଇଛି। ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେବୋତ୍ତର ସମ୍ପତ୍ତିକୁ ଫେରାଇ ଆଣିବାକୁ ଜିଲାବାସୀଙ୍କ ପକ୍ଷରୁ ଦାବି ହେଉଛି।

## ୫ ଫୁଟର ନାଗ ସାପ ଉଦ୍ଧାର

ମୋରଡ଼ା,୩୦।୮(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବନ ବିଭାଗ ଅଧୀନ ମୋରଡ଼ା ପଞ୍ଚାୟତର ଖଟିଅ ଗ୍ରାମରୁ ଏକ ୫ ଫୁଟର ନାଗ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଉକ୍ତ ଗ୍ରାମର ଗୋପବନ୍ଧୁ ବେହେରାଙ୍କ ଘର ପଛ ପଟେ ଜାଲ ବାଡ଼ରେ ଏହି ନାଗ ସାପ ଫସି ରହିଥିବା ଦେଖି ପରିବାର ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଚିତ୍ତରଞ୍ଜନ ଜେନା, ମିହିର କୁମାର ମହାନ୍ତ, ଶିବ ପ୍ରସାଦ ସିଂ, ଓକିଲ ମହାନ୍ତ, ସୁନୀଲ ମହାନ୍ତ ପ୍ରମୁଖ ପହଞ୍ଚି ଉକ୍ତ ସାପକୁ ଉଦ୍ଧାର କରି ବଳଦିଆ ଜଙ୍ଗଲରେ ଛାଡ଼ି ଦେଇଥିବା ସୂଚନା ମିଳିଛି।



ଉଦ୍ଧାର ହୋଇଥିବା ନାଗ।

## ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ରାଇରଙ୍ଗପୁର,୩୦।୮(ମାନସ ମହାନ୍ତି/ଜିତେନ୍ଦ୍ର କୁମାର ଅଗ୍ରୱାଲ): ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ଗହିରା ଗ୍ରାମ ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ରାଇରଙ୍ଗପୁର ସହରାଞ୍ଚଳ ଇଟିଣ୍ଡା ବସ୍ତି ଅଞ୍ଚଳର ଦୀପକ କୁମାର ମହାନ୍ତିଙ୍କ ପୁଅ ଜିତ୍ (୧୪)। ସେ ରାଇରଙ୍ଗପୁର ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଗହିରା ଗ୍ରାମସ୍ଥିତ ମାମୁ ଘରକୁ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ସେ ଗାଧୋଉ ଥିବାବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୪) ରୁଜୁ ହୋଇଛି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

ଖୁଣ୍ଟା,୩୦।୮(ଦେବରଞ୍ଜନ ବେହେରା)- ଗୋପବନ୍ଧୁ ନଗର ବ୍ଲକ ଖଡ଼ିଆବସା ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ରମେଶ ଚନ୍ଦ୍ର ସିଂ (୭୧)ଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ମୟୂରଭଞ୍ଜ ଜିଲା ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

ସୂଚନା ଅନୁଯାୟୀ, ରମେଶ ଚନ୍ଦ୍ର ଭାରତୀୟ ସେନା ବାହିନୀର ଇଲେକ୍ଟ୍ରିକାଲ ମେକାନିକାଲ ଇଞ୍ଜିନିୟରିଂ(ଇ.ଏମ୍.ଇ) ବିଭାଗର ନାୟକ ଭାବେ କାର୍ଯ୍ୟ କରୁଥିବା ବେଳେ ୧୯୯୨ରେ ଅବସର ଗ୍ରହଣ କରିଥିଲେ। ବୟସାଧିକ କାରଣରୁ ଅସୁସ୍ଥ ଥିବାବେଳେ ଗୁରୁବାର ରାତିରେ ତାଙ୍କର ପରଲୋକ ଘଟିଥିଲା। ଖବରପାଇ ମୟୂରଭଞ୍ଜ ଜିଲା ପୂର୍ବତନ ସାମରିକ କର୍ମଚାରୀ ସଂଘ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର ଭୂଜବଳ, ଜୟଦୀପ ସାହୁ, ନାଗୁ ହେମ୍ବ୍ରମଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ମୃତ ସେନା କର୍ମଚାରୀଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ମହିଳାଙ୍କଠାରୁ ୪୦ ହଜାର ଲୁଟ୍

**ଉଦଳା,୩୦।୮(ସନ୍ତୋଷ କୁମାର ବାଚ୍ଛିନୀ)**

ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସି ଅଧୀନ ୭ନଂ. ୱାର୍ଡର ସୁଜାତା ବେହେରାଙ୍କଠାରୁ ଶୁକ୍ରବାର ୨ଜଣ ଦୁର୍ବୃତ୍ତ ୪୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଉଦଳା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଅପରାହ୍ନରେ ସୁଜାତା ସ୍ଥାନୀୟ ୟୁନିଅନ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖି ଘରକୁ ଫେରିଥିଲେ। ଘର ସାମ୍ନାରେ ସ୍କୁଟି ରଖି ଡିକିରୁ ଟଙ୍କା ବ୍ୟାଗ ଧରି ଭିତରକୁ ଯାଉଥିବା ବେଳେ ପଛରୁ ଜଣେ ଯୁବକ ଦୌଡ଼ି ଆସି ଟଙ୍କା ବ୍ୟାଗ ଝାମ୍ପି ନେଇଥିଲେ। ଲୁଟେରାଙ୍କୁ ଧରିବା ପାଇଁ ସୁଜାତାଙ୍କ ସ୍ୱାମୀ ଏବଂ ପରିବାର ଲୋକେ ପିଛା କରିଥିଲେ। ମାତ୍ର ବାହାରେ ବାଇକ୍ ଧରି ଅପେକ୍ଷା କରିଥିବା ଅନ୍ୟ ଜଣେ ଯୁବକଙ୍କ ସହ ଲୁଟେରା ଜଣକ ଖସି ପଳାଇଥିଲେ।

## ଡକାୟତି ସହ ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ମାମଲା

# ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ବାରିପଦା,୩୦।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟରେ ଶୁକ୍ରବାର ଏକ ଡକାୟତି ଓ ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଗୁହିପୁର ଗ୍ରାମର ପିଣ୍ଟୁ ସିଂ(୩୫) ଓ ସିମୁଳିଆ ଥାନା ଅନ୍ତର୍ଗତ ମୋରଣା ମାର୍କେଟର ଦୟାନିଧି ସିଂ(୪୬)। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ସେପ୍ଟେମ୍ବର ୮ତାରିଖ ରାତିରେ ବୈଶିଙ୍ଗା ଥାନା ଅଞ୍ଚଳର ଜଣଙ୍କ ଘରେ ପିଣ୍ଟୁ ଓ ଦୟାନିଧି ପଶି ଡକାୟତି କରିଥିଲେ। ଏନେଇ ଗୃହକର୍ତ୍ତା ଥାନାରେ ଅଭିଯୋଗ କରିଥିଲେ। ତହିଁ ପରଦିନ ରାତିରେ ଅଭିଯୁକ୍ତଦ୍ୱୟ ପୁଣି ଲୁଟ୍ ଉଦ୍ଦେଶ୍ୟରେ ଯାଇଥିଲେ। ଘର ମଧ୍ୟରେ ଶୋଇଥିବା ଜଣେ ବୃଦ୍ଧଙ୍କୁ ଲୁହ ରଡ୍‌ରେ ବାଡ଼େଇ ଆହତ କରିଥିଲେ। ତାଙ୍କ ଗୋଡ଼ ହାତ ବାନ୍ଧି ଭୁଜାଲି ଦେଖାଇ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ଅସମର୍ଥ ହେବାରୁ ତାଙ୍କ ଦିବ୍ୟାଙ୍ଗ ନାତୁଣୀଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ମୋବାଇଲରେ ବଳାତ୍କାର ସମୟର ଭିଡିଓ ଉତ୍ତୋଳନ କରି ୨ଲକ୍ଷ ଟଙ୍କା ଦେବାକୁ କହିଥିଲେ। ପୋଲିସକୁ ଜଣାଇଲେ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ବୈଶିଙ୍ଗା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୮୫/୧୮) ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ପିପି ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

